## ପ୍ରାରମ୍ଭିକ ଜଳସେଚନ:

ରୋପଣ ପୂର୍ବରୁ ଜମିକୁ ଭଲ ଭାବରେ ଜଳସେଚନ କରନ୍ତୁ।

## ପରବର୍ତ୍ତୀ ଜଳସେଚନ:

ସପ୍ତାହରେ ଥରେ ଗଛଗୁଡ଼ିକୁ ପାଣି ଦିଅନ୍ତୁ, ରୋପଣର ପ୍ରାୟ ୪୦ ଦିନ ପରେ ନିୟମିତ ଜଳସେଚନ ଆବଶ୍ୟକ ହୁଏ । ଅମଳର ଗୋଟିଏ ସପ୍ତାହ ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ ।

## ରୋଗ ଓ ପୋକ

ଶୁଣ୍ଢୀ ବା ଘୁଣି ପୋକ କନ୍ଦମୂଳ ଫସଲର ପ୍ରଧାନ ଶତ୍ରୁ । ଏହି ପୋକ ଶତକଡ଼ା ୨୫ ରୁ ୯୦ ଭାଗ ଅମଳ କମାଇଦେଇଥାଏ ।  ଆକ୍ରାନ୍ତ କନ୍ଦମୂଳ ଖାଇବାକୁ ପିତା ଲାଗେ ଏବଂ ଖାଦ୍ୟ ପାଇଁ ସମ୍ପୂର୍ଣ ଅନୁପଯୋଗୀ ହୋଇଥାଏ ।

## ଘୁଣି ପୋକ ନିୟନ୍ତ୍ରଣ

ଗୋଟିଏ ଜମିରେ ବାରମ୍ବାର କନ୍ଦମୂଳ ଚାଷ କରନ୍ତୁ ନାହିଁ । ଖରାଟିଆ ଗଭୀର ଚାଷ କରନ୍ତୁ ।
ଫସଲ ଲଗାଇବା ପୂର୍ବରୁ ଜମିରେ ଥିବା ପୂର୍ବ ଫସଲର ବିଭିନ୍ନ ଅଂଶ ଏବଂ ଅନାବନା ଘାସ ବାହାର କରି ପୋଡି ଦିଅନ୍ତୁ ।
ଘୁଣିପୋକ ଦ୍ୱାରା ଆକ୍ରାନ୍ତ ହୋଇନଥିବା ଅଗ ଡଙ୍କକୁ ବିହନ ଭାବେ ବ୍ୟବହାର କରନ୍ତୁ ।
ଘୁଣିପୋକ ଦ୍ୱାରା କନ୍ଦମୂଳ ଫସଲରେ ବିଶେଷ ଆକ୍ରାନ୍ତ ହେଲେ ହାଣ୍ଡିଖତ ବା ନିମାସ୍ତ୍ର ଆବଶ୍ୟକ ପରିମାଣରେ ୩ ରୁ ୪ ଥର ୧୦ ରୁ ୧୫ ବ୍ୟବବଧାନରେ ପତ୍ର ସିଞ୍ଚନ କରନ୍ତୁ ।







## ରୋଗ



କନ୍ଦମୂଳ ଫସଲରେ ସାଧାରଣତଃ କାଣ୍ଡ ସଢା ଓ ପତ୍ର ପୋଡା ରୋଗ ଦେଖା ଯାଇଥାଏ । ଏହାର ନିରାକରଣ ପାଇଁ ହାଣ୍ଡିଖତ ବା ନିମାସ୍ତ୍ର ଆବଶ୍ୟକ ପରିମାଣରେ ୩ ରୁ ୪ ଥର ୧୦ ରୁ ୧୫ ବ୍ୟବବଧାନରେ ପତ୍ର ସିଞ୍ଚନ କରନ୍ତୁ ।

ରାସାୟନିକ ଉପାୟରେ ୧୦ ଲିଟର ପାଣିରେ ୨୦ ଗ୍ରାମ୍ ସାଫ୍ ବା ସିକ୍ସର୍ ମିଶାଇ ୧୫ ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ ।
ଏହା ବ୍ୟତୀତ କନ୍ଦରେ କନ୍ଦ ସଢା ରୋଗ ଦେଖା ଯାଇଥାଏ ।



## ଅମଳ ଓ ଅମଳ ପରବର୍ତ୍ତୀ ଯନ୍ତ୍ର

ଏହା ୧୦୦-୧୨୦ ଦିନ ବେଳକୁ ଅମଳ ହୋଇଥାଏ । ଶୁଣ୍ଢୀ ପୋକ ଦ୍ୱାରା ଆକ୍ରାନ୍ତ ଫସର ସହଜ ଅମଳ କରିଦେବା ଉଚିତ । ଫାଉଡା ବା ଦେଶି ନଙ୍ଗଳରେ କନ୍ଦମୂଳ ତାଡ଼ନ୍ତୁ ଯେପରି କନ୍ଦମୂଳ ଖଣ୍ଡିଆ ନ ହେବ । ଖଣ୍ଡିଆ ବା କ୍ଷତ ବା ପୋକଡା ମୂଳ ଅଲଗା କରି ଦିଅନ୍ତୁ ।
ଭଲ କନ୍ଦମୂଳଗୁଡ଼ିକୁ ପବନ ଯାତାୟତ ହେଉଥିବା ଘର ଚଟାଣରେ ଖେଳାଇ ରଖନ୍ତୁ । ସଦ୍ୟ ଅମଳ ହୋଇଥିବା କନ୍ଦମୂଳରୁ ଜଳୀୟ ଅଂଶ କମି ଚୋପା ଶକ୍ତ ହୋଇ ଆସିଲେ ଏହାକୁ ବିକ୍ରି କରାଯାଇପାରେ । ଏକ ଏକର କନ୍ଦମୂଳ ଫସଲରୁ ୧୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

# ଉନ୍ନତ ପ୍ରଣାଳୀରେ କନ୍ଦମୂଳ ଚାଷ







ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୬୫୦୦୧
ଫୋନ୍ ନଂ.- ୦୬୮୫୬-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in

କନ୍ଦମୂଳ ଏକ ଶୀଘ୍ର ଅମଳ ହେଉଥିବା ଅଧିକ ଅମଳକ୍ଷମ କନ୍ଦା ଜାତୀୟ ଫସଲ ଅଟେ । ଏହା ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଆସାମ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଝାରଖଣ୍ଡ ରେ ବହୁଳଭାବେ ଚାଷ କରାଯାଏ । ଏହାର ହାରାହାରି ଉତ୍ପାଦନ ଏକର ପ୍ରତି ପାଖାପାଖି ୮୦ କ୍ୱିଣ୍ଟାଲ୍‌ରେ ସୀମିତ । ଓଡ଼ିଶାର ଜଳବାୟୁ ଏହି ଚାଷ ପାଇଁ ବେଶ୍ ଅନୁକୂଳ । ତେଣୁ ଅଧିକ ଅମଳକ୍ଷମ କିସମ ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ, ଏହାର ଏକର ପ୍ରତି ଉତ୍ପାଦନ ୧୫୦ ରୁ ୨୫୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ।

## କନ୍ଦମୂଳର ପୁଷ୍ଟିକର ଗୁଣ

କନ୍ଦମୂଳ ଶ୍ୱେତସାରରେ ପରିପୂର୍ଣ୍ଣ । କନ୍ଦମୂଳକୁ ପୋଡ଼ି ବା ସିଝାଇ ଜଳଖିଆ ଭାବରେ ଖିଆଯାଇଥାଏ । ଏହା ବ୍ୟତୀତ ଡାଲମା, ତରକାରୀ, ଖଟା ଆଦି ସୁସ୍ୱାଦୁ ବ୍ୟଞ୍ଜନରେ ବ୍ୟବହାର କରାଯାଏ । ଏହାର ଚୋପା ଧଳା, ଲାଲ୍ କିମ୍ବା ହାଲୁକା ତମ୍ବା ରଙ୍ଗର ହୋଇଥାଏ । କନ୍ଦ ଧଳା କିମ୍ବା କମଳା ଏବଂ ଲାଲ୍‌ର ବିଭିନ୍ନ ମିଶ୍ରଣ ହୋଇପାରେ । କନ୍ଦମୂଳରୁ ପ୍ରସ୍ତୁତ ଗୋଲାପ ଜାମୁନ୍, କାକରା, ଆଚାର ଏବଂ ନୁଡୁଲ୍ସ୍ ଅତ୍ୟନ୍ତ ରୁଚିକର । କନ୍ଦମୂଳରୁ ପକୁଡି, ସିଙ୍ଗଡା, ଚପ୍, ପରଠା ଇତ୍ୟାଦି ପ୍ରସ୍ତୁତ କରାଯାଏ ।

ପ୍ରତି ୧୦୦ ଗ୍ରାମ୍ ତଟକା କନ୍ଦରୁ ୨୯.୪ ଗ୍ରାମ୍ ଶ୍ୱେତସାର, ୧ ଗ୍ରାମ୍ ପୁଷ୍ଟିସାର, ୨ ଗ୍ରାମ୍ ଖଣିଜ ପଦାର୍ଥ, ୧୦୭୫ ଆଇୟୁ ଖାଦ୍ୟପ୍ରାଣ 'କ' ଏବଂ ୩୦ ମିଲି ଗ୍ରାମ୍ ଖାଦ୍ୟପ୍ରାଣ 'ଗ' ମିଳିଥାଏ । କନ୍ଦମୂଳର କଅଁଳିଆ ତଟକା ପତ୍ର ଏକ ଉତ୍ତମ ଶାଗ । ପ୍ରତି ୧୦୦ ଗ୍ରାମ୍ ତଟକା ପତ୍ରରୁ ୫୦୦ ରୁ ୧୪୦୦ ମାଇକ୍ରୋଗ୍ରାମ୍ ଖାଦ୍ୟ ପ୍ରାଣ 'କ" ମିଳିଥାଏ । ଏହା ବ୍ୟତୀତ ପତ୍ରରେ ୨୧ ରୁ ୩୨ ଭାଗ ପୁଷ୍ଟିସାର, ଶତକଡ଼ା ୩.୩୭ ଭାଗ ଖଣିଜ ପଦାର୍ଥ ଅଛି । ଏହି ଶାଗ ପିଲା ଓ ଗର୍ଭବତୀ ସ୍ତ୍ରୀମାନଙ୍କର ରକ୍ତହିନତା ଦୂର କରିଥାଏ । ତେଣୁ ଏହା ଆଦିବାସୀ ଅଞ୍ଚଳରେ ଚାଷିଭାଇମାନଙ୍କର ଖାଦ୍ୟ ସୁରକ୍ଷା ସଙ୍ଗେ ସଙ୍ଗେ ପୋଷଣ ଓ ଆର୍ଥିକ ସୁରକ୍ଷା ମଧ୍ୟ ସୁଦୃଢ଼ କରିଥାଏ ।

## କିସମ

**ସଭରନ :** ଉଭୟ ଖରିଫ ଏବଂ ରବି ଋତୁ ପାଇଁ ଉପଯୁକ୍ତ । ୧୦୫-୧୧୦ ଦିନରେ, ହେକ୍ଟର ପ୍ରତି ୧୬୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

**କିଶାନ:** ଉଭୟ ଖରିଫ ଏବଂ ରବି ଋତୁ ପାଇଁ ଉପଯୁକ୍ତ । ୧୧୦-୧୨୦ ଦିନରେ, ହେକ୍ଟର ପ୍ରତି ହାରାହାରି ୧୫୦-୨୫୦ କ୍ୱିଣ୍ଟାଲ୍ ଉତ୍ପାଦନ ହୁଏ । ଅଳ୍ପ ଘୁଣିପୋକ ସହଣି ଶକ୍ତି ଅଛି । ଉତ୍ତମ ରନ୍ଧନ ଗୁଣଯୁକ୍ତ । ଲୁଣି ଜମିରେ ମଧ୍ୟ ଚାଷ କରାଯାଇପାରେ ।



**ଶ୍ରୀ ଭଦ୍ରା :** ଉଭୟ ଖରିଫ୍ ଓ ରବି ଫସଲ ପାଇଁ ଉପଯୁକ୍ତ । କନ୍ଦର ଚୋପା ଧଳା, ଶଶ ଦୁଧିଆ ରଙ୍ଗ, ଉତ୍ତମ ରନ୍ଧନ ଗୁଣଯୁକ୍ତ ଅଟେ। ୧୦୦ ରୁ ୧୧୦ ଦିନ ମଧ୍ୟରେ ଅମଳ ହୋଇଥାଏ । ହେକ୍ଟର ପ୍ରତି ୧୫୦ ରୁ ୧୮୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

**ପୁଷା ସଫେଦ୍ :**

ଉଭୟ ଖରିଫ୍ ଓ ରବି ଋତୁରେ ଚାଷ ହୋଇପାରେ । କନ୍ଦର ଚୋପା ଧଳା ଓ ଶସ ଦୁଧିଆରଙ୍ଗ, ୧୧୦ ରୁ ୧୨୦ ଦିନ ମଧ୍ୟରେ ହେକ୍ଟର୍ ପ୍ରତି ୧୮୦ ରୁ ୨୦୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଉତ୍ତମ ରନ୍ଧନ ଗୁଣଯୁକ୍ତ । ଲୁଣି ମାଟିରେ ଚାଷ ହୋଇପାରେ ।

**ସମ୍ରାଟ :** ଉଭୟ ଖରିଫ୍ ଓ ରବି ଋତୁରେ ଚାଷ କରାଯାଇପାରେ । କନ୍ଦର ଚୋପା ଇସତ୍ ଲାଲ୍ ଓ ଶସ ଧଳା । ୧୧୦-୧୨୦ ଦିନ ମଧ୍ୟରେ ହେକ୍ଟର ପ୍ରତି ୧୮୦-୨୩୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ହୋଇଥାଏ । ଲୁଣି ଜମି କିସମରେ ଚାଷ ହୋଇପାରେ ।

**କାଞ୍ଚନଗଡ :**

ଅଣଜଳସେଚିତ ଖରିଫ୍ ଫସଲ ପାଇଁ ଉପଯୁକ୍ତ । କନ୍ଦଗୁଡ଼ିକ ଲମ୍ବା ଚୋପା ଇସତ୍ ଲାଲ୍ । ଶସ ଧଳା ୧୦୦ରୁ ୧୧୦ ଦିନ ମଧ୍ୟରେ ୧୫୦ ରୁ ୨୦୦ କ୍ୱିଣ୍ଟାଲ୍ ଅମଳ ହୋଇଥାଏ ।

**ଏସ୍.ଟି-୧୪ :**

ଉଭୟ ଖରିଫ୍ ଓ ରବି ଋତୁ ପାଇଁ ଉପଯୁକ୍ତ । ଉଭୟ ଚୋପା ଓ ଶସ କମଳା ରଙ୍ଗ । ୧୧୦ ରୁ ୧୨୦ଦିନରେ ଅମଳ ହୋଇଥାଏ। ହେକ୍ଟର୍ ପ୍ରତି ୧୦୦ରୁ୧୫୦ କ୍ୱିଣ୍ଟାଲ୍ ଅମଳ ଦିଏ । ୧୦୦ ଗ୍ରାମ୍ କନ୍ଦମୂଳରେ ପ୍ରାୟ ୧୪ ରୁ ୧୬ ମିଲି ଗ୍ରାମ୍ ପର୍ଯ୍ୟନ୍ତ ବିଟାକ୍ୟାରୋଟିନ୍ ଥାଏ ।

## ଜଳବାୟୁ ଓ ମୃର୍ତ୍ତୀକା

କନ୍ଦମୂଳ ଉଭୟ ଗ୍ରୀଷ୍ମମଣ୍ଡଳୀୟ ଏବଂ ଉପଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଚାଷ କରାଯାଏ । ଏହା ଉପକୂଳବର୍ତ୍ତୀ ସମତଳ ଜମି ଠାରୁ ଆରମ୍ଭ କରି ୧୦୦୦ ମିଟର ଉଚ୍ଚତା ପାହାଡିଆ ଅଞ୍ଚଳରେ ଚାଷ କରାଯାଇପାରେ । ଦିନବେଳା ଉତ୍ତାପ ୨୪ ଡିଗ୍ରୀ ସେଲସିୟସ୍ ବା ତଦୁର୍ଦ୍ଧ, ପ୍ରଚୁର ସୂର୍ଯ୍ୟକିରଣ ଏବଂ ଶୀତୁଆ ରାତି ହେଲେ କନ୍ଦମୂଳ ଫସଲ ଭଲ ହୋଇଥାଏ । କନ୍ଦମୂଳ ଫସଲ ପାଇଁ ହାରାହାରି ୫୦୦ ମି.ମି. ବୃଷ୍ଟିପାତ ସମାନୁପାତ ଭାବରେ ଆବଶ୍ୟକ । ଅତ୍ୟଧିକ ବର୍ଷା, ଛାଇ ଓ ବରଫପାତ କନ୍ଦମୂଳ ଫସଲର ଅନେକ କ୍ଷତି କରିଥାଏ । ନିଗିଡ଼ା ଦୋରସା ବାଲିଆ ମଟାଳ ମାଟି କନ୍ଦମୂଳ ପାଇଁ ଉତ୍କୃଷ୍ଟ । ୫.୦ ରୁ ୭.୫ ପିଏଚ୍ ଥିବା ମାଟିରେ କନ୍ଦମୂଳ ଭଲ ଚଢ଼ିଥାଏ । ସନ୍ତସନ୍ତିଆ ବା ପାଣି ଜମୁଥିବା ମାଟିରେ କନ୍ଦମୂଳ ଚାଷ କରିବା ଅନୁଚିତ ।



## ଫସଲ ଲଗାଇବା ସମୟ

ଅଣଜଳସେଚିତ ବର୍ଷାଦିନିଆ ଫସଲ ଲଗାଇବା ପାଇଁ ଜୁଲାଇରୁ ଅଗଷ୍ଟ ମାସ ଉପଯୁକ୍ତ ସମୟ । ଅକ୍ଟୋବରରୁ ଡିସେମ୍ବର ମାସ ଜଳସେଚିତ ରବି ଫସଲ ପାଇଁ ଉପଯୁକ୍ତ ସମୟ । ଜଳସେଚନର ସୁବିଧା ଥିବା ଉପକୂଳବର୍ତ୍ତୀ ଅଞ୍ଚଳରେ ଡିସେମ୍ବର-ଫେବୃଆରୀ ମାସରେ ମଧ୍ୟ କନ୍ଦମୂଳ ଲଗାଯାଇପାରେ ।

## ମୁଖ୍ୟ ଜମି ପ୍ରସ୍ତୁତି ଏବଂ ରୋପଣ

ଜମିକୁ ଭଲ ଭାବେ ୩ – ୪ ଥର ହଳ କରିବା ପରେ ୨ ଫୁଟ ବ୍ୟବଧାନରେ ୧ଫୁଟ ଉଚ୍ଚ ସିଆର ତିଆରି କରି ମୁଖ୍ୟ କ୍ଷେତ ପ୍ରସ୍ତୁତ କରାଯାଏ । ୧ଫୁଟ ଡଙ୍କକୁ ମାଟି ତଳେ ୨-୩ ଟି ଗଣ୍ଠି ସହିତ ଭୂସମାନ୍ତର ଭାବରେ ପୋତି ଦିଆଯାଏ, ଅବଶିଷ୍ଟ ଅଂଶ ମାଟି ଉପରେ ଛାଡି ଦିଆଯାଏ ।

## ଖତ ଏବଂ ସାର

ଶେଷ ଓଡ ଜମି ପ୍ରସ୍ତୁତି ସମୟରେ ୨ ଟନ୍ ଖତ /ଏକର ପ୍ରୟୋଗ କରନ୍ତୁ । ଡଙ୍କ ଲଗାଇବାର ୨୫ ରୁ ୩୦ ରୁ ଦିନ ପରେ ୨୦୦ ଲିଟର ଜୀବାମୃତ ପ୍ରୟୋଗ କରାଯାଏ । ଏହାର ୨୦ ଦିନ ଅନ୍ତରରେ ଆଉ ୨ ଥର ଜୀବାମୃତ ଜମିରେ ପ୍ରୟୋଗ କରାଯାଇଥାଏ ।

## ରାସାୟନିକ ପଦ୍ଧତି:

୨୦:୧୦:୨୦ କିଲୋଗ୍ରାମ୍ NPK / ଏକର ସାରର ମାତ୍ରା ସୁପାରିଶ କରାଯାଇଛି, ଯାହା ମଧ୍ୟରୁ ୫୦% ନାଇଟ୍ରୋଜେନ୍, ପୂର୍ଣ୍ଣ ଫସଫୋରସ୍ ଏବଂ ପଟାସ ମୂଳ ସାର ଭାବରେ ପ୍ରୟୋଗ କରିବାକୁ ପଡିଥାଏ । ବାକି ୫୦% ନାଇଟ୍ରୋଜେନ୍ ସାର ଗୋଟିଏ ମାସ ପରେ ଘାସ ବଛାବାଛି ସମୟରେ ମାଟିରେ ପ୍ରୟୋଗ କରାଯାଏ ।

## ଆନ୍ତଃଚାଷ ଏବଂ ଘାସ ନିୟନ୍ତ୍ରଣ

ଘାସ ବଛାବଛି: ଲଗାଇବାର ୨୫-୩୦ ଦିନରେ ଥରେ ଏବଂ ୪୫-୫୦ ଦିନରେ ଆଉ ଥରେ ଘାସ ବଛାଯାଏ ।

ଗଛ ଲଗାଇବାର ୫୦ ଏବଂ ୭୫ ଦିନ ପରେ ଲତାକୁ ଓଲଟାଇଯାଏ ଯାହା ଦ୍ୱାରା ଗଣ୍ଠିରେ ଚେର ବାହାରିବାକୁ ରୋକାଯାଇପାରିବ ଏବଂ କନ୍ଦର ବିକାଶକୁ ପ୍ରୋତ୍ସାହିତ କରାଯାଇପାରିବ ।

## ଜଳସେଚନ

ଡଙ୍କରୁ ଚେର ବାହାରିବା, ଲଟା ମାଡିବା ପାଇଁ ପ୍ରଥମ ଏକ ମାସ ମାଟିରେ ବତର ରହିବା ନିହାତି ଆବଶ୍ୟକ ।